# NATIONAL NEWS BULLETIN (ODIA)

**15 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ପ୍ରସଙ୍ଗରେ କ୍ଷମାପ୍ରାର୍ଥନା ଦାବିକରି ସଂସଦର ଉଭୟ ଗୃହରେ ହଟ୍ଟଗୋଳ

\- ଲୋକସଭା ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ।

- ଦ୍ୱିପାକ୍ଷିକ ସମ୍ପର୍କ ଦୃଢ଼ କରିବା ଉଦ୍ଦେଶ୍ୟରେ ଆଜିଠାରୁ ତ୍ରିରାଷ୍ଟ୍ରୀୟ ଗସ୍ତ ଆରମ୍ଭ କଲେ ପ୍ରଧାନମନ୍ତ୍ରୀ ।

- ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୭୫ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି ।

ଏବଂ

- ଦେଶର ପରବର୍ତ୍ତୀ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ଶପଥଗ୍ରହଣ କଲେ ରାଜକୁମାର ଗୋୟଲ ।

## ପାର୍ଲ୍ୟାମେଣ୍ଟ ଆଡଜର୍ଣ୍ଣଡ

ଲୋକସଭାକୁ ଆଜି ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ବିରୋଧୀ ଏବଂ ଶାସକଦଳ ମଧ୍ୟରେ ହଟ୍ଟଗୋଳ ଯୋଗୁଁ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଛନ୍ତି । ଆଜି ପ୍ରଥମ ମୁଲତବୀ

ପରେ ମଧ୍ୟାହ୍ନ ୧୨ଟାରେ ଗୃହ ସମ୍ମିଳିତ ହେବା ପରେ ବିରୋଧୀ ଦଳ ସାଂସଦମାନେ ଗୃହର ମଧ୍ୟଭାଗକୁ  ଆସି ଶାସକ ଦଳ ଗୃହ ନ ଚଳାଇ ଦେବାଲାଗି ଅଭିଯୋଗ କରି ସ୍ଲୋଗାନ ଦେଇଥିଲେ । ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସାଂସଦମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ କଂଗ୍ରେସର ର୍‍ୟାଲି ସମୟରେ ଦିଆଯାଇଥିବା ଆପତ୍ତିଜନକ ମନ୍ତବ୍ୟର ବିରୋଧ କରିଥିଲେ । ଗୃହରେ ଅଧ୍ୟକ୍ଷତା କରୁଥିବା ଅଧିକାରୀ ହଟ୍ଟଗୋଳ କରୁଥିବା ସଦସ୍ୟମାନଙ୍କୁ ଗୃହକାର୍ଯ୍ୟରେ ସହଯୋଗ କରିବା ଲାଗି ଅନୁରୋଧ କରିଥିଲେ ମଧ୍ୟ ତାହା ସଫଳ ହୋଇନଥିଲା । ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ଅପରାହ୍ଣ ୨ଟା ଯାଏଁ ମୁଲତବୀ ଘୋଷଣା କରାଯାଇଥିଲା ।

**V/O (LS Adjurned)**

ପୂର୍ବରୁ ଉଭୟ ଲୋକସଭା ଏବଂ ରାଜ୍ୟସଭାକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା । ଏନ୍‌ଡିଏ ସାଂସଦମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଦିଆଯାଇଥିବା ଆପତ୍ତିଜନକ ମନ୍ତବ୍ୟ ନେଇ କଂଗ୍ରେସଠାରୁ କ୍ଷମାପ୍ରାର୍ଥନା ଦାବି କରିଥିଲେ । ଆଜି ଲୋକସଭାର ଅଧିବେଶନ ଆରମ୍ଭ ହେବା ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ଏହି ପ୍ରସଙ୍ଗ ଉତ୍‌ଥାପନ କରି ଗତକାଲି ନୂଆଦିଲ୍ଲୀରେ କଂଗ୍ରେସ ର୍‍ୟାଲି ସମୟରେ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଦିଆଯାଇଥିବା ଆପତ୍ତିଜନକ ମନ୍ତବ୍ୟର ନିନ୍ଦା କରିଥିଲେ । ସେ କହିଥିଲେ ଦେଶରେ ଏଭଳି ପ୍ରକାର ମନ୍ତବ୍ୟ ଗ୍ରହଣୀୟ ନୁହେଁ । ଏହାକୁ ଲଜ୍ୟାଜନକ ଏବଂ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ଶ୍ରୀ ରିଜିଜୁ କହିଥିଲେ ।

ଏହି ପ୍ରସଙ୍ଗକୁ ନେଇ ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଓମ୍ ବିର୍ଲା ଗୃହକୁ ମଧ୍ୟାହ୍ନ ୧୨ଟା ଯାଏଁ ମୁଲତବୀ ଘୋଷଣା କରିଥିଲେ ।

ଗୃହକାର୍ଯ୍ୟ ଆରମ୍ଭ ସମୟରେ ଗୃହର ପୂର୍ବତନ ସଦସ୍ୟ ସୁବାସ ଆହୁଜା, ପ୍ରଫେସର ସଲାହୁଦିନ ଏବଂ ବାଲ୍‌କ୍ରିଷ୍ଣ ଚୌହାଙ୍କ ସ୍ମୃତିରେ ନୀରବତା ଅବଲମ୍ବନ କରାଯାଇଥିଲା ।

ରାଜ୍ୟସଭାରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା । ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଗୃହର ନେତା ଜେ.ପି.ନଡ୍ଡା, ବିରୋଧୀଦଳ ନେତା ମଲ୍ଲିକାର୍ଜୁନ ଖଡଗେ ଏବଂ କଂଗ୍ରେର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀଙ୍କଠାରୁ ଆପତ୍ତିଜନକ ମନ୍ତବ୍ୟ ପ୍ରସଙ୍ଗରେ କ୍ଷମାପ୍ରାର୍ଥନା ଦାବି କରିଥିଲେ । ସେ କହିଥିଲେ ଏଭଳି ମନ୍ତବ୍ୟ କଂଗ୍ରେସ ଦଳର ଚିନ୍ତାଧାରା ଓ ମନୋଭାବକୁ ପ୍ରକାଶ କରୁଛି ।

**V/O (J.P.Nadda)**

ଗୃହରେ ହଟ୍ଟଗୋଳ ଜାରି ରହିବାରୁ ଉପାଧ୍ୟକ୍ଷ ହରିବଂଶ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ ।

## ଆର୍‌ଏସ୍‌-ଏଆଇଆର ଫେୟାର

କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ କହିଛନ୍ତି ବିମାନ ଯାତ୍ରା ଭଡ଼ା ବ୍ୟବସ୍ଥାକୁ ଆହୁରି ଭଲଭାବେ ନିରୀକ୍ଷଣ କରି ସୁଦୃଢ଼ କରିବା ପାଇଁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ଅଧୀନରେ ଏକ ତାରିଫ ମନିଟରିଂ ୟୁନିଟ୍ କାର୍ଯ୍ୟ କରୁଛି । ରାଜ୍ୟସଭାରେ ଆଜି ପ୍ରଶ୍ନକାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଶ୍ରୀ ନାଇଡୁ କହିଛନ୍ତି ଘରୋଇ ଏବଂ ଅନ୍ତର୍ଜାତୀୟ ରୁଟ୍‌ରେ ବିମାନଉଡ଼ାଣ କ୍ଷେତ୍ରରେ ଭଡ଼ା ନିର୍ଦ୍ଧାରଣ ବ୍ୟବସ୍ଥାର ନିରୀକ୍ଷଣ କରାଯାଉଛି । ଭଡ଼ା ବୃଦ୍ଧିପାଇବାର ସମ୍ଭାବନା ସୃଷ୍ଟି ହେବା ମାତ୍ରେ ମନ୍ତ୍ରଣାଳୟ ପକ୍ଷରୁ ଆବଶ୍ୟକ ପଦକ୍ଷେପ

ଗ୍ରହଣ କରାଯାଉଥିବା ମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ଇଣ୍ଡିଗୋ ବିମାନ ସେବା ନେଇ ସୃଷ୍ଟି ହୋଇଥିବା ସମସ୍ୟା କ୍ଷେତ୍ରରେ ମନ୍ତ୍ରଣାଳୟ ଯେଉଁଳି ଭଡ଼ା ଅଧିକ ବୃଦ୍ଧି ନପାଇବ ସେ ନେଇ ପଦକ୍ଷେପ ଗ୍ରହଣ କରିଥିଲେ । ସେ କହିଛନ୍ତି ଏୟାର ସେବା ପୋର୍ଟାଲ ଜରିଆରେ ଭଡ଼ା ନିରୀକ୍ଷଣ ବ୍ୟବସ୍ଥା କାର୍ଯ୍ୟ କରୁଛି । ଯଦି କୌଣସି ବ୍ୟକ୍ତି ଭଡ଼ା ବୃଦ୍ଧି ହୋଇଥିବା ଅନୁଭବ କରନ୍ତି ସେ କ୍ଷେତ୍ରରେ ସେମାନେ ଏକ ସ୍କ୍ରିନ୍‌ସଟ୍ ମନ୍ତ୍ରଣାଳୟର ପୋର୍ଟାଲକୁ ପଠାଇଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀ ନାଇଡୁ କହିଛନ୍ତି ।

# ପିଏମ୍-ଥ୍ରୀ ନେସନ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଜୋର୍ଡ଼ାନ୍, ଇଥିଓପିଆ ଏବଂ ଓମାନ୍ ଗସ୍ତ ଆରମ୍ଭ କରିଛନ୍ତି । ଜୋର୍ଡାନ ରାଜା ଅବଦୁଲ୍ଲା ଦ୍ୱିତୀୟ ବିନ୍ ଅଲ୍ ହୁସେନ୍‌ଙ୍କ ନିମନ୍ତ୍ରଣ କ୍ରମେ ଶ୍ରୀ ମୋଦୀ  ଜୋର୍ଡାନ ଗସ୍ତରେ ଯାଉଛନ୍ତି । ଗସ୍ତ ପୂର୍ବରୁ ଶ୍ରୀ ମୋଦୀ କହିଛନ୍ତି ସେ ଜୋର୍ଡାନ ରାଜା ଅବଦୁଲ୍ଲା ଏବଂ ପ୍ରଧାନମନ୍ତ୍ରୀ ଜାଫର ହସନଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିବେ । ଏହି ଗସ୍ତ କାଳରେ ଅମନଠାରେ ଶ୍ରୀ ମୋଦୀ ଭାରତୀୟ ସମ୍ପ୍ରଦାୟଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ସେଠାରେ ରହୁଥିବା ଭାରତୀୟମାନେ ଉଭୟ ଦେଶ ମଧ୍ୟରେ ସମ୍ପର୍କ ବୃଦ୍ଧି କ୍ଷେତ୍ରରେ ବିଶେଷ ଭୂମିକା ନିର୍ବାହ କରିଛନ୍ତି । ଉଭୟଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର ୭୫ବର୍ଷ ପାଳନ ଉପଲକ୍ଷେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି । ଅମନରୁ ପ୍ରଧାନମନ୍ତ୍ରୀ ଆଦିସ୍ ଅବାବା ଗସ୍ତ କରିବେ । ଆସନ୍ତାକାଲି ସେ ସେଠାରେ ପହଞ୍ଚିବେ ।

ଇଥିଓପିଆର ପ୍ରଧାନମନ୍ତ୍ରୀ ଡକ୍ଟର ଆବି ଅହମ୍ମଦ ଅଲ୍ଲୀଙ୍କ ସହ ଶ୍ରୀ ମୋଦୀ ବିସ୍ତୃତ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ସେଠାକାର ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବା ସହ ପ୍ରଧାନମନ୍ତ୍ରୀ ମୋଦୀ ଭାରତୀୟ ବଂଶୋଦ୍ଭବ ମାନଙ୍କୁ ସାକ୍ଷାତ୍ କରିବେ ବୋଲି ଜଣାପଡିଛି ।

ଗସ୍ତର ଅନ୍ତିମ ପର୍ଯ୍ୟାୟରେ ଶ୍ରୀ ମୋଦୀ ବୁଧବାର ଦିନ ଓମାନ ଗସ୍ତରେ ଯିବେ । ଉଭୟ ଦେଶ ମଧ୍ୟରେ ଥିବା ବ୍ୟାବସାୟିକ ସମ୍ପର୍କ ଏବଂ ଲୋକସମ୍ପର୍କକୁ ବୃଦ୍ଧି କରିବାପାଇଁ ଏହି ଗସ୍ତ ଅବସରରେ ଭାରତ ଓ ଓମାନ୍ ମଧ୍ୟରେ କେତେକ ଚୁକ୍ତିନାମା ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି ।

## ଭିପି-ସର୍ଦ୍ଦାର ପଟେଲ

ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୭୫ତମ ଶ୍ରାଦ୍ଧବାର୍ଷିକୀରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି କହିଛନ୍ତି ସର୍ଦ୍ଦାର ପଟେଲ ଦେଶକୁ ଏକତ୍ର କରିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଦେଶର ଏକତା ଏବଂ ପ୍ରଶାସନିକ ଢ଼ାଞ୍ଚାକୁ ଦୃଢ଼ କରିଥିଲେ । ଭାରତର ଲୌହମାନବ ଭାବେ ପରିଚିତ ସର୍ଦ୍ଦାର ପଟେଲଙ୍କ ନେତୃତ୍ୱ ଦେଶର ଭାଷା, ସଂସ୍କୃତି ଓ ଆଞ୍ଚଳିକ ବିବିଧତା ମଧ୍ୟରେ ଏକତା ପ୍ରତିଷ୍ଠା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଉପରାଷ୍ଟ୍ରପତି କହିଛନ୍ତି ବିଶ୍ୱର ପ୍ରମୁଖ ନେତୃତ୍ୱମାନଙ୍କ ମଧ୍ୟରେ ସର୍ଦ୍ଦାର ପଟେଲଙ୍କ କାର୍ଯ୍ୟାବଳୀ ଅନନ୍ୟ । ଏକ ଭାରତ ଶ୍ରେଷ୍ଠ ଭାରତ ଏବଂ ବିକଶିତ ଭାରତର ଲକ୍ଷ୍ୟ ପୂରଣ ଦିଗରେ ସର୍ଦ୍ଦାର ପଟେଲଙ୍କ କାର୍ଯ୍ୟ ପ୍ରେରଣା ଯୋଗାଇବ ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

# ପିଏମ୍ ପଟେଲ

ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଦେଶକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବା ଲକ୍ଷ୍ୟରେ ସର୍ଦ୍ଦାର ପଟେଲ ଉତ୍ସର୍ଗୀକୃତ କାର୍ଯ୍ୟ କରିଥିଲେ । ଦେଶ ଏକ ଅବିଭକ୍ତ ଏବଂ ଦୃଢ଼ ଭାରତବର୍ଷ ଗଠନରେ ତାଙ୍କ ଅବଦାନକୁ ସର୍ବଦା ମନେରଖିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ଏଚ୍-ସର୍ଦ୍ଦାର ପଟେଲ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି ଅନେକ ପ୍ରତିବନ୍ଧକ ସତ୍ତ୍ୱେ ଖଣ୍ଡବିଖଣ୍ଡିତ ରାଜ୍ୟଗୁଡ଼ିକୁ ଏକତ୍ର କରି ସ୍ୱାଧୀନ ଭାରତକୁ ଦୃଢ଼ କରିବା କ୍ଷେତ୍ରରେ ସର୍ଦ୍ଦାର ପଟେଲଙ୍କ ଭୂମିକା ଅତୁଳନୀୟ ଥିଲା । ଦେଶର ପ୍ରଥମ ସ୍ୱରାଷ୍ଟ୍ରମନ୍ତ୍ରୀ ଭାବେ ଭାରତର ସୁରକ୍ଷାକୁ ମଜଭୁତ କରିବା ସହ ଆଭ୍ୟନ୍ତରୀଣ ସ୍ଥିରତା ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଲକ୍ଷ୍ୟ ହାସଲ ଦିଗରେ ସେ ସଫଳତା ହାସଲ କରିଥିଲେ । ଶ୍ରୀ ଶାହା କହିଛନ୍ତି ସମବାୟ ଆନ୍ଦୋଳନର ଜଣେ ପୁରୋଧା ଭାବେ ସର୍ଦ୍ଦାର ପଟେଲ ଆତ୍ମନିର୍ଭରଶୀଳ ଭାରତର ମୂଳଦୁଆ ସ୍ଥାପନ କରିଥିଲେ; ଯାହା ମାଧ୍ୟମରେ ମହିଳା ଏବଂ କୃଷକମାନେ ସଶକ୍ତ ହୋଇପାରିଥିଲେ ।

# ସିଆଇସି-ଓଥ୍

ରାଜକୁମାର ଗୋୟଲ ଦେଶର ପରବର୍ତ୍ତୀ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ଆଜି ଶପଥଗ୍ରହଣ କରିଛନ୍ତି । ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥପାଠ କରାଇଛନ୍ତି ।

**V/O (Goyal Oth)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ କମିଟି ୧୯୯୦ ବ୍ୟାଚ୍‌ର ପୂର୍ବତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ରୀ ଗୋୟଲଙ୍କ ନାମ ଏହି ପଦବୀ ପାଇଁ ସୁପାରିଶ କରଥିଲେ । ଶ୍ରୀ ଗୋୟଲ ଗତ ଅଗଷ୍ଟ ୩୧ ତାରିଖରେ କେନ୍ଦ୍ର ନ୍ୟାୟବିଭାଗରୁ ଅବସର ଗ୍ରହଣ କରିଥିଲେ । ଶପଥଗ୍ରହଣ ଉତ୍ସବରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ, କାର୍ମିକ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଓ ଅନ୍ୟାନ୍ୟ କେନ୍ଦ୍ରମନ୍ତ୍ରୀମାନେ ଉପସ୍ଥିତ ଥିଲେ ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ପରିବର୍ତ୍ତିତ ଜୀବନଶୈଳୀରେ ଅସ୍ଥି ସ୍ୱାସ୍ଥ୍ୟର ସୁରକ୍ଷା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୂଆଦିଲ୍ଲୀ ଏମ୍‌ସର ଅସ୍ଥି ବିଭାଗ ପ୍ରଫେସର ଡାକ୍ତର ବିଜୟ କୁମାର ଏବଂ ରାମ ମନୋହର ଲୋହିଆ ହସ୍ପିଟାଲ୍‌ର ବରିଷ୍ଠ ଫିଜିଓଥେରାପିଷ୍ଟ ଡାକ୍ତର ଶ୍ୱେତା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ

ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ Xରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଇଣ୍ଡିଆ-ୟୁଏନ୍

ଜାତିସଂଘ ପକ୍ଷରୁ ରିୟାଧଠାରେ ଗତକାଲି ଅନୁଷ୍ଠିତ ଏକାଦଶ ସଭ୍ୟତା ମଞ୍ଚର ବୈଠକରେ ଭାରତ ବସୁଧୈବ କୁଟୁମ୍ବକମ୍‌ର ଆଦର୍ଶ ପ୍ରତି ପ୍ରତିବଦ୍ଧତା ପ୍ରକାଶ କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସଚିବ ପି.କୁମାରନ୍‌ଙ୍କ ଅଧ୍ୟକ୍ଷତାରେ ଏକ ଭାରତୀୟ ପ୍ରତିନିଧି ଦଳ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି । ସେ କହିଛନ୍ତି ଭାରତୀୟ ସଭ୍ୟତା ସାଂସ୍କୃତିକ ବିବିଧତାରେ ସର୍ବଧର୍ମ ସମ୍ଭବକୁ ଗୁରୁତ୍ୱ ଦିଆଯାଇଛି । ଶ୍ରୀ କୁମାରନ କହିଛନ୍ତି ବିଶ୍ୱଶାନ୍ତି ପାଇଁ ଆଲୋଚନା ଏବଂ ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାଉଦୀ ଆରବ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱର ବହୁ ରାଜନେତା ଧର୍ମଗୁରୁ ଯୁବା ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଛନ୍ତି ।